# ତହସିଲ କାର୍ଯ୍ୟାଳୟ ନରସିଂହପୁର (କଟକ)

## ବିଜ୍ଞାପନ

ସଂଖ୍ୟା.୪୩୨୨...../ ତା...୦୩/୧୧/୨୦୧୯

## ଲଘୁଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ତ ନରସିଂହପୁର ତହସିଲ ଅନ୍ତର୍ଗତ ସୂଚୀର ପ୍ରଦତ୍ତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକୁ ଆସନ୍ତା ୫ (ପାଞ୍ଚ) ବର୍ଷ, ଅର୍ଥାତ ୨୦୧୯-୨୦ ରୁ ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ (OMMC Rules-2016) ରେ ବର୍ଣ୍ଣିତ ଫର୍ମ-ଏମ (Form-M) ତିନିକୀତା ପୂରଣ କରି ତତ ସହିତ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ Registered Post / Speed Post ଜରିଆରେ ତହସିଲଦାର ନରସିଂହପୁରଙ୍କ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ TENDER DROP BOX ରେ ଆସନ୍ତା ତା-୧୮-୧୧-୨୦୧୯ ରିଖ ଦିବା- ୫.00 ଘଟିକା ସୁଦ୍ଧା ପକାଇପାରିବେ (ଛୁଟି ଦିନ ବ୍ୟତୀତ). ଲଫାପାରେ ସୈରାତ ଉତ୍ସର ନାମ ଲେଖା ଥିବା ଆବଶ୍ୟକ । ଉକ୍ତ ଦରଖାସ୍ତ ଗୁଡ଼ିକୁ ତା-୧୯ -୧୧ -୨୦୧୯ ରିଖ ଦିବା-୧୧.୦୦ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ । ନିଲାମ ଧାର୍ଯ୍ୟ ତାରିଖର ପୂର୍ବଦିନ ଅପରାହ୍ନ ୫ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ବିଚାରକୁ ନିଆଯିବନାହିଁ । କୌଣସି କାରଣ ନଦର୍ଶାଇ ନିଲାମକୁସ୍ଥଗିତ / ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ କଟକଙ୍କର ରହିଛି । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନହୋଇପାରିଲେ ପରବର୍ତ୍ତୀ ନିଲାମ ଯଥାକ୍ରମେ ତା- ୨୬ -୧୧-୨୦୧୯ ରିଖ ଏବଂ ତା-୦୩ -୧୨-୨୦୧୯ ରିଖ (ଦିବା ୧୧.୦୦ ଘଟିକା) ସମୟରେ ଅନୁଷ୍ଠିତ ହେବ । ସର୍ବୋଚ୍ଚ ଅତିରିକ୍ତ ଦେୟ ଦରଜ କରିଥିବା ଆବେଦନକାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଆବେଦନକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିବେ, ତେବେ ଲଟେରୀ ମାଧମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ନିଲାମ ନିମନ୍ତେ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ "www.cuttack.nic.in" ର "TENDER" ଲିଙ୍କ ରେ ଉପଲବ୍ଧ ହେବ ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ**

୧- ଦରଖାସ୍ତ ପାଉଣା ବାବଦକୁ ଟ. ୧,୦୦୦/- (ଏକ ହଜାର ଟଙ୍କା) ମାତ୍ର ଟ୍ରେଜେରୀ ଚାଲାଣ (Head of Account-0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties) ଦାଖଲ କରିବେ । ଏହି ଦରଖାସ୍ତ ବାବଦ ପାଉଣା ଫେରସ୍ତ କରାଯିବ ନାହିଁ ।

୨- ଦରଖାସ୍ତ କାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ।

୩- ଅମାନତ ରାଶି (Earnest Money Deposit) ନିମନ୍ତେ, ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲିଟିର ଶତକଡା ପାଞ୍ଚ (୫%) ଭାଗ ତହସିଲଦାର ନରସିଂହପୁରଙ୍କ ନାମରେ ଚଳବନ୍ଧକକୃତ ବା Pledged Bank Draft ଦାଖଲ କରିଥିବା ପ୍ରମାଣପତ୍ର । (Demand Draft in favour of Tahasildar Narasinghpur)

୪- ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଶୋଧକ୍ଷମ ପ୍ରମାଣପତ୍ର (Solvency Certificate) କିମ୍ବା ୧୮ ମାସ ପର୍ଯ୍ୟନ୍ତ ଅବଧି ଥିବା ବ୍ୟାଙ୍କ ପ୍ରତ୍ୟାଭୂତୀ (Bank Guarantee) ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ (Minimum Guarranted ) ଅନୁସାରେ ସୂଚୀରେ ପ୍ରଦତ୍ତ ରୟାଲିଟି (Royalty) ଓ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ (Additional Charge) ମୂଲ୍ୟ ଠାରୁ କମ ହୋଇନଥିବା ଏବଂ ଏଥିସହିତ ଅନ୍ୟାନ୍ୟ ସ୍ଥାବର ସମ୍ପତିର ବିବରଣୀ ପ୍ରଦାନ କରିବେ ।

[Requisite Extent of Solvency / Bank Guarantee = Minimum Guaranteed Quantity X (Offered Additional Charge + Royalty) ]

୫- ପ୍ରସ୍ତାବିତ ସୈରାତ ଉତ୍ସର ତଫସିଲ ସହ ଚୌହଦୀର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା

୬- ପ୍ୟାନ କାର୍ଡ / ପରିଚୟ ପତ୍ର ସଂଲଗ୍ନ କରିବେ ଇ

୭- ଆବେଦନ କରୁଥିବା ଉତ୍ସକୁ, ଧାର୍ଯ୍ୟ ଅତିରିକ୍ତ ଦେୟ ତୁଳନାରେ, କେତେ ଅତିରିକ୍ତ ଦେୟରେ ନେବା ପାଇଁ ଚାହୁଁଛନ୍ତି ତାହା ଉଲ୍ଲେଖ କରିବେ

Scanned by CamScanner

# ସର୍ତ୍ତାବଳୀ

୧- ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ (OMMC Rules-2016) ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ – ୨୦୧୭ (OMMC Amendment Rules-2017) ର ପରିସରଭୁକ୍ତ ରହିବେ ।

୨- ସର୍ବୋଚ୍ଚ ଅତିରିକ୍ତ ଦେୟ ଦରଜ କରିଥିବା ଆବେଦନକାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଆବେଦନକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିବେ, ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୩- ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ପ୍ରାଧୀକୃତ ଅଧିକାରୀଙ୍କଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଜଣାଇଦିଆଯିବ । ସୂଚନା ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ ସଙ୍ଗେସଙ୍ଗେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ଓ ରୟାଲଟି ପରିମାଣର ଏକ ଚତୁର୍ଥାଂଶ ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ଥିବା ଦେୟରୁ earnest money କୁ ବାଦ ଦେଇ ବଳକା ଥିବା ରାଶି ଜମା କରିବେ, ଯାହାକି ବିନା ସୁଧାରେ ଅମାନତ ଆକାରରେ ରହିବ । ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି କିମ୍ବା ଉକ୍ତ ଅମାନତ ରାଶି ଜମା ନକରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ

୪- ମନୋନୀତ ବ୍ୟକ୍ତି ମନୋନୀତ ହେବା ଦିନ ଠାରୁ ଓଡିଶା ଲଘୁ ଖଣିଜ ରିହାତି ଆଇନ- ୨୦୧୬ (OMMC Rules-2016) ରେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ଖର୍ଚ୍ଚରେ ପ୍ରାଧୀକୃତ ଅଧିକାରୀଙ୍କ ଠାରୁ ମାଇନିଂ ପ୍ଲାନ (Mining Plan) ପ୍ରସ୍ତୁତ ଓ ଅନୁମୋଦିତ କରିବା ଏବଂ ପରିବେଶ ସ୍ୱଚ୍ଛତା ପ୍ରମାଣପତ୍ର (Environment Clearance Certificate) ହାସଲ କରି, ସୂଚୀରେ ଦର୍ଶାଯାଇଥିବା ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପାଇଁ ଧାର୍ଯ୍ୟ ଥିବା ଖଣିଜ ପଦାର୍ଥର ପରିମାଣ କିମ୍ବା ମାଇନିଂ ପ୍ଲାନ ଦର୍ଶାଉଥିବା ପରିମାଣ, ଯାହା ଅଧିକ ହେବ, ତାହା ସହିତ ରୟାଲଟି ଓ ଅତିରିକ୍ତ ଦେୟର ସମଷ୍ଟିକୁ ଗୁଣନ କଲେ ଯେଉଁ ଅର୍ଥ ହେବ, ସେହି ଅନୁଯାୟୀ ସରକାରଙ୍କ ସମସ୍ତ ଦେୟ ଯଥା- Royalty, Additional Charge, Surface Rent, Dead Rent, DMF (10 % of Royalty & Additional Charge), EMF (5 % of Royalty & Additional Charge), TDS (2 % of Royalty & Additional Charge), fees for compensatory afforestation etc ଦାଖଲ କରିବେ । ଉକ୍ତ ରାଶି ପୈଠ ହେଲା ପରେ, ଲିଜଧାରୀ ନିଜ ଖର୍ଚ୍ଚରେ ରେଜିଷ୍ଟ୍ରେସନ ଆଇନ ୧୯୦୮ ଓ ଷ୍ଟାମ୍ପ ଆଇନ ୧୮୯୯ ଅନୁଯାୟୀ ଲିଜ ଚୁକ୍ତି ପତ୍ର (Lease Agreement) ସମ୍ପାଦନ କରିବେ ଓ ସୈରାତ ପରିଚାଳନା ପାଇଁ, Ragional Officer, State Pollution Control Board ଙ୍କ ନିକଟରୁ "CONSENT TO OPERATE ORDER" & "CONSENT TO ESTABLISH" ଆଣିବା ପାଇଁ ବାଧ୍ୟ ହେବେ, ନଚେତ ମନୋନୟନ ପତ୍ର ରଦ୍ଦ କରାଯିବା ସହିତ, ଅମାନତ ରାଶି (Security Deposit) ତଥା ଅନ୍ୟାନ୍ୟ ଜମା ବ୍ୟାଜ୍ୟାପ୍ତି କରାଯିବ । ଲିଜ ଧାରୀ ବିଜ୍ଞାପନ ଖର୍ଚ୍ଚ ବହନ କରିବେ ।

୫- ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଇସ୍ତାହାରରେ ଦର୍ଶିତ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣକରିବେ । ନିଲାମ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେନାହିଁ ।

୬- ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେନାହିଁ ।

୭- ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା, ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ଲିଜଧାରୀ ନିଜ ଖର୍ଚ୍ଚରେ କରିବେ ।

୮- ଲିଜଧାରରେ OMMC Rules -2016 ଓ OMMC Amendment Rules- 2017 ର ସମସ୍ତ ସର୍ତ୍ତାବଳୀକୁ ପାଳନ କରିବା ପାଇଁ ବାଧ୍ୟ ।

୯- କୌଣସି କାରଣ ନଦର୍ଶାଇ ନିଲାମ ପରିବର୍ତ୍ତନ ତଥା ବାତିଲ କରିବାର କ୍ଷମତା କର୍ତ୍ତୃପକ୍ଷ ଓ ଜିଲ୍ଲାପାଳ କଟକଙ୍କର ରହିଛି ।

୧୦- ନିଲାମ ନିମନ୍ତେ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ "www.cuttack.nic.in" ର "TEBNDER" ଲିଙ୍କ ରେ ଉପଲବ୍ଧ ହେବ ।

୧୧- ଯଦି ଉକ୍ତ ଇସ୍ତାହାରରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀଙ୍କର ରହିଅଛି ।

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ନରସିଂହପୁର

Scanned by CamScanner

## ସୈରାତ ଉତ୍ସ ଗୁଡିକର ବିବରଣୀ

| କ୍ରମିକ ସଂଖ୍ୟା | ଉତ୍ସର ନାମ ଓ କେଶ ସଂଖ୍ୟା | ମୌଜା | ଖାତା | ପ୍ଲଟ | ରକବା (ଏକର ରେ) | ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପାଇଁ ଧାର୍ଯ୍ୟ ଥିବା ଖଣିଜ ପଦାର୍ଥର ପରିମାଣ (ଘନ ମିଟରରେ) | ଲଘୁ ଖଣିଜ ପଦାର୍ଥର ଧାର୍ଯ୍ୟ ରୟାଲିଟି ପ୍ରତି ଘ.ମି. | ଧାର୍ଯ୍ୟ ଅତିରିକ୍ତ ଦେୟ ପ୍ରତି ଘ.ମି. |
|---|---|---|---|---|---|---|---|---|
| ୧ | ତାମରା ମହାନଦୀ ବାଲି ଘାଟ (SMC No. ୦୪/୨୦୧୯) | ତାମରା | ୪୧୪ | ୧୭୫୦ | ଏ ୨୫.୭୫<br>ସ୍ଥ ଏ ୧୩.୦୦ | ୯୩୫୦ ଘ.ମି. | ଟ. ୩୫.୦୦ | ଟ. ୨.୦୦ |
| ୨ | ମାନପୁର ମହାନଦୀ ବାଲି ଘାଟ (SMC No. ୦୫/୨୦୧୯) | ମାନପୁର | ୨୮୦ | ୨୨୫୧<br>୨୨୫୨ | ଏ ୧୩.୫୦ | ୩୨୦୦ ଘ.ମି. | ଟ. ୩୫.୦୦ | ଟ. ୨.୦୦ |

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ନରସିଂହପୁର

ପରିପତ୍ର ସଂଖ୍ୟା ୪୩୨୩(୨) / ତା ୩/୧୧/୨୦୧୯

ଏକକିତା ନକଲ ଜିଲ୍ଲାପାଳ କଟକ / ଉପଜିଲ୍ଲାପାଳ ଆଠଗଡ ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା।

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ନରସିଂହପୁର

ପରିପତ୍ର ସଂଖ୍ୟା ୪୩୨୪(୫) / ତା ୩/୧୧/୨୦୧୯

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନରସିଂହପୁର / କାନପୁର ଗ୍ରାମ ପଞ୍ଚାୟତ / ସମସ୍ତ ରାଜସ୍ୱ ନିରୀକ୍ଷକ, ନରସିଂହପୁର ତହସିଲ / ଥାନା ଅଧିକାରୀ ନରସିଂହପୁର / ତହସିଲ କାର୍ଯ୍ୟାଳୟର ବିଜ୍ଞ୍ୟାପନ ଫଳକ ନିମନ୍ତେ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ନରସିଂହପୁର

Memo No. 4325 / Date 3/11/2019

Copy to the DIO, NIC, Collectorate, Cuttack to upload in the District Website for its wide publication.

Tahasildar, Narasinghpur

Scanned by CamScanner